# ସାହିତ୍ୟ ଶାଣିତ ନ ହେଲେ ସମାଜରେ ପରିବର୍ତ୍ତନ ଆସିବ ନାହିଁ - ମନୋଜ

## ମନୋଜ ଦାସଙ୍କୁ ସାହିତ୍ୟ ଭାରତୀ ପୁରସ୍କାର

( ଇଷ୍ଟର୍ଣ୍ଣ ମିଡ଼ିଆ ସର୍ଭିସ୍ )

କଟକ, ୩୧ : ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ସାହିତ୍ୟିକ ମନୋଜ ଦାସଙ୍କୁ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଗତ ୭ ତାରିଖ 'ସାହିତ୍ୟ ଭାରତୀ ସମ୍ମାନ'ରେ ଭୂଷିତ କରିଛନ୍ତି ।

ଏହି ଉପଲକ୍ଷେ ଗଙ୍ଗାଧର ରଥ ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ କଳାବିକାଶ କେନ୍ଦ୍ରଠାରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଓଡିଆ ଭାଷାର ଅଭିବୃଦ୍ଧି ପାଇଁ ସମସ୍ତେ ନିଷ୍ଠାର ସହ ଉଦ୍ୟମ କରିବା ପାଇଁ ପରାମର୍ଶ ଦେଇଥିଲେ । ଓଡିଆ ଭାଷାକୁ ସରକାରୀ ଭାଷାରେ ପରିଣତ କରିବା ପାଇଁ ବର୍ତ୍ତମାନ ସମସ୍ତ ଉଦ୍ୟମ ସତ୍ତ୍ୱେ ଏହା ସଫଳ ଭାବେ କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ । ମନୋଜ ଦାସଙ୍କୁ ଭୂୟସୀ ପ୍ରଶଂସା କରି ସେ କହିଲେ ଯେ, ଶ୍ରୀ ଦାସ ଅରବିନ୍ଦଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ, ଭାଷା ଓ ସାହିତ୍ୟକୁ ଉଚ୍ଚ ସ୍ଥାନ ଦେଇଛନ୍ତି ।

ଇଂରାଜୀ ସାହିତ୍ୟରେ ସେ ଆନ୍ତର୍ଜାତିକ କ୍ଷେତ୍ରରେ ବହୁ ଖ୍ୟାତି ଅର୍ଜନ କରିଥିଲେ ସୁଦ୍ଧା ଓଡ଼ିଆ ଭାଷା ଓ ସାହିତ୍ୟକୁ ଭୁଲି ନ ଥିବାରୁ ତାଙ୍କ ସାହିତ୍ୟ ଚିରଦିନ ପାଇଁ ତାଙ୍କୁ ଓଡ଼ିଶାବାସୀଙ୍କ ନିକଟରେ ଅମର ରଖିବ । ଅନେକ ଓଡିଆ ସାହିତ୍ୟିକ ଓଡିଶା ବାହାରକୁ ଯିବା ପରେ ଓଡ଼ିଆ ଭାଷାକୁ ଭୁଲି ଯାଆନ୍ତି, ମାତ୍ର ଶ୍ରୀ ଦାସ ଏହାର ଏକମାତ୍ର ବ୍ୟତିକ୍ରମ ।

ସମ୍ପ୍ରତି କେତେକ ବରିଷ୍ଠ ଆଇ.ଏ.ଏସ୍ ଅଫିସର ଶୁଦ୍ଧ ଇଂରାଜୀ ଲେଖିବା ପାଇଁ ଅକ୍ଷମ ଥାଇ ସୁଦ୍ଧା ଓଡ଼ିଆ ଭାଷା ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବାରୁ ମୁଖ୍ୟମନ୍ତ୍ରୀ ଗଭୀର କ୍ଷୋଭ ପ୍ରକାଶ କରିଥିଲେ ।

ସମ୍ବର୍ଦ୍ଧନାର ଉତ୍ତରରେ ସାହିତ୍ୟିକ ମନୋଜ ଦାସ କହିଲେ ଯେ, ଜୀବନ ଭଳି ସାହିତ୍ୟ ମଧ୍ୟ ଏକ ଅଭିବ୍ୟକ୍ତି । ତେବେ ସାହିତ୍ୟ ଯଦି ଶାଣିତ ନ ହୁଏ ତେବେ ତାହା ସମାଜକୁ ପରିବର୍ତ୍ତନ କରି ପାରିବ ନାହିଁ ।

ଭାବଗତ ଅନୁଭୂତି ନ ଥିଲେ ସାହିତ୍ୟ ରଚନା ସମ୍ଭବ ନୁହେଁ । ସାହିତ୍ୟ ଭିତରେ ଦର୍ଶନ ଓ ସମାଜ ଥାଏ । ମାତ୍ର ଦର୍ଶନ ଓ ସାହିତ୍ୟ ସମାଜର ଦିଗ୍‌ବଳୟ ନୁହେଁ । ସାହିତ୍ୟର ପରିସର ବ୍ୟାପକ ଏବଂ ସାହିତ୍ୟ ମଧ୍ୟରେ ମନୁଷ୍ୟ ସଚେତନ ହୁଏ । ତେବେ ସମ୍ପ୍ରତି ମାୟାବାଦ ଓ ବସ୍ତୁବାଦ ମଧ୍ୟରେ ମୂଲ୍ୟବୋଧର ସଙ୍କଟ ସାହିତ୍ୟିକମାନଙ୍କ ପାଇଁ ଏକ ମୁଖ୍ୟ ସମସ୍ୟା ବୋଲି ଶ୍ରୀ ଦାସ ମତପୋଷଣ କରିଥିଲେ ।

ଉତ୍ସବରେ ପୌରୋହିତ୍ୟ କରି ସାହିତ୍ୟିକ ତଥା ସାମ୍ବାଦିକ ଚନ୍ଦ୍ରଶେଖର ରଥ କହିଲେ ଯେ, ଲେଖା ମାଧ୍ୟମରେ ଲେଖକ ତା'ର ଆବେଗକୁ ପ୍ରକାଶ କରେ । ତେବେ ସହୃଦୟ ପାଠକ ନ ଥିଲେ ସୁ ସାହିତ୍ୟ ରଚନା ସମ୍ପୂର୍ଣ୍ଣ ଅସମ୍ଭବ ।

ମନୋଜ ଦାସଙ୍କୁ ସାହିତ୍ୟ ଭାରତୀ ସମ୍ମାନରେ ସମ୍ମାନିତ କରିବା ଦ୍ୱାରା ଆଜି ତାଙ୍କର ପ୍ରତ୍ୟେକ ଗୁଣଗ୍ରାହୀ ପାଠକ ସମ୍ମାନିତ ହୋଇଛନ୍ତି ବୋଲି ଶ୍ରୀ ରଥ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଶ୍ରୀ ରଥ 'ORIYA' ପରିବର୍ତ୍ତେ 'ODIA' ଓ 'ORISSA' ପରିବର୍ତ୍ତେ 'ODISHA' ଲେଖିବା ପାଇଁ ଏକ ସରକାରୀ ବିଜ୍ଞପ୍ତି ପ୍ରକାଶ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେ ।

ଏହି ଅବସରରେ ଅଧ୍ୟାପିକା ଡକ୍ଟର ଅର୍ଚ୍ଚନା ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମନୋଜ ଦାସଙ୍କ ସାମଗ୍ରିକ କୃତି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ଗଙ୍ଗାଧର ରଥ ଫାଉଣ୍ଡେସନର ପ୍ରତିଷ୍ଠାତା ଆଡଭୋକେଟ ଗଙ୍ଗାଧର ରଥ ପ୍ରାରମ୍ଭିକ ସୂଚନା ଦେଇଥିଲେ ଏବଂ କବି ଅମରେଶ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ସାହିତ୍ୟ ଭାରତୀ ସମ୍ମାନ ବାବଦରେ ମନୋଜ ଦାସଙ୍କ ଏକ ସାଦୃଶ୍ୟ ଉପଢୌକନ ସହ ନଗଦ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା ।